# ନିଯୋକ୍ତାମାନଙ୍କର ଦାୟିତ୍ୱ ଅଧିନିୟମ, 1938

(1938ର ଅଧିନିୟମ ସଂ 24)

## ଶ୍ରମିକମାନଙ୍କ ଦ୍ୱାରା ପ୍ରାପ୍ତ କ୍ଷତି ସମ୍ପର୍କରେ ଲୋକସାନ ସଂପର୍କିତ ବାଦରେ କେତେକ ପ୍ରତିବାଦ ଉଠାଯିବ ନାହିଁ ବୋଲି ଘୋଷଣା କରାଯିବା ଲାଗି ଏକ ଅଧିନିୟମ

[24 ସେପ୍ଟେମ୍ବର, 1938]

ଯେହେତୁ ଶ୍ରମିକମାନଙ୍କ ଦ୍ୱାରା ପ୍ରାପ୍ତ କ୍ଷତି ସମ୍ପର୍କରେ ଲୋକସାନ ସଂପର୍କିତ ବାଦରେ କେତେକ ପ୍ରତିବାଦ ଉଠାଯିବ ନାହିଁ ବୋଲି ଘୋଷଣା କରିବା ସମୀଚୀନ ଅଟେ, ତେଣୁ ଏହା ଏତଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା ।

ସଂକ୍ଷିପ୍ତ ନାମ ଓ ବିସ୍ତାର ।

1. (1) ଏହି ଅଧିନିୟମଟି ନିଯୋକ୍ତାମାନଙ୍କର ଦାୟିତ୍ୱ ଅଧିନିୟମ, 1938 ନାମରେ ଅଭିହିତ ହେବ ।

(2) ଜାମ୍ମୁ, କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତ ପ୍ରତି ଏହା ବିସ୍ତାରିତ ଅଟେ ।

ସଂଜ୍ଞା

2. ବିଷୟ ବା ପ୍ରସଙ୍ଗରେ କୌଣସି ବିରୋଧ ନ ଥିଲେ ଏହି ଅଧିନିୟମରେ,—

(କ) "ଶ୍ରମିକ" କହିଲେ ଶାରୀରିକ ଶ୍ରମ, କିରାଣୀ କାର୍ଯ୍ୟ ବା ଅନ୍ୟଭାବେ କାର୍ଯ୍ୟ କରିବାକୁ କୌଣସି ନିଯୋକ୍ତାଙ୍କ ସହିତ ଚାକିରି ବା ଶିକ୍ଷାନବିସ ଲାଗି ଅଭିବ୍ୟକ୍ତ ବା ବିବକ୍ଷିତ, ମୌଖିକ ବା ଲିଖିତାକାର ଏକ ସଂବିଦାରେ ଆବଦ୍ଧ ହୋଇଥିବା କିମ୍ବା ସେ ରୂପ ସଂବିଦା ଅଧୀନରେ କାର୍ଯ୍ୟ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ବୁଝାଏ, ଏବଂ

(ଖ) "ନିଯୋକ୍ତା" କହିଲେ ନିଗମିତ ହୋଇଥିବା ବା ହୋଇ ନ ଥିବା କୌଣସି ବ୍ୟକ୍ତି ନିକାୟ, କୌଣସି ନିକାୟ କୌଣସି ନିଯୋକ୍ତାଙ୍କର କାର୍ଯ୍ୟଚାଳକ ଅଭିକର୍ତ୍ତା ଓ କୌଣସି ମୃତ ନିଯୋକ୍ତାଙ୍କର ବୈଧ ପ୍ରତିନିଧି ତହିଁରେ ଅନ୍ତର୍ଗତ ଅଟନ୍ତି ଏବଂ ଯେଉଁଠାରେ କୌଣସି ଶ୍ରମିକ ଚାକିରି ବା ଶିକ୍ଷାନବିସ ଲାଗି ସେ ଯେଉଁ ବ୍ୟକ୍ତିଙ୍କ ସହିତ ସଂବିଦାବଦ୍ଧ ହୋଇଥିବେ ତାହାଙ୍କ ଦ୍ୱାରା ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଖକୁ ଚାକିରି ଲାଗି ଅସ୍ଥାୟୀଭାବେ ଧାର ସୂତ୍ରେ ବା ଭଡ଼ା ସୂତ୍ରେ ପଠାଯାଇଥିବେ ସେଠାରେ ଶ୍ରମିକ ସେହି ଅନ୍ୟ ବ୍ୟକ୍ତିଙ୍କ ଅଧୀନରେ କାର୍ଯ୍ୟ କରିବା ସମୟରେ ସେହି ବ୍ୟକ୍ତିଙ୍କୁ ବୁଝାଏ ।

କେତେକ କ୍ଷେତ୍ରରେ ସାଧାରଣ ନିଯୋଜନ ବିଷୟକ ପ୍ରତିବାଦ ନିଷିଦ୍ଧ ।

3. ଯେଉଁଠାରେ କୌଣସି ଶ୍ରମିକଙ୍କର ଶାରୀରିକ କ୍ଷତି—

(କ) ନିଯୋକ୍ତାଙ୍କର ବ୍ୟାପାର ବା ବ୍ୟବସାୟ ସହିତ ସମ୍ପୃକ୍ତ ବା ତହିଁରେ ବ୍ୟବହୃତ କୌଣସି ପଥ, କାର୍ଯ୍ୟ ଯନ୍ତ୍ର ବା ସଂଯନ୍ତ୍ରକୁ ଉତ୍ତମ ଓ ନିରାପଦ ଅବସ୍ଥାରେ ରଖିବାରେ ନିଯୋକ୍ତାଙ୍କର ତ୍ରୁଟି କାରଣରୁ କିମ୍ବା ନିଯୋକ୍ତାଙ୍କ ସେବାରେ ଥିବା ଏପରି କୌଣସି ବ୍ୟକ୍ତିଙ୍କର ତଦ୍ରୂପ ତ୍ରୁଟି କାରଣରୁ ଯାହାଙ୍କ ଉପରେ କି ସେଭଳି ପଥ, କାର୍ଯ୍ୟ, ଯନ୍ତ୍ର ବା ସଂଯନ୍ତ୍ର ଉତ୍ତମ ଓ ନିରାପଦ ଅବସ୍ଥାରେ ଅଛି ବୋଲି ତଦାରଖ କରିବାର କର୍ତ୍ତବ୍ୟ ନ୍ୟସ୍ତ ହୋଇଥିବ, କିମ୍ବା

(ଖ) ନିଯୋକ୍ତାଙ୍କ ଦ୍ୱାରା ନିଯୁକ୍ତ ଏପରି କୌଣସି ବ୍ୟକ୍ତି, ଯାହାଙ୍କଠାରେ କି ଅଧୀକ୍ଷଣର ଦାୟିତ୍ୱ ନ୍ୟସ୍ତ ହୋଇଥିବ, ସେପରି ଅଧୀକ୍ଷଣ କରିବା ସମୟରେ ତାଙ୍କର କୌଣସି ଅବହେଳା ଯୋଗୁ,

(ଗ) ନିଯୋକ୍ତାଙ୍କ ଦ୍ୱାରା ନିଯୁକ୍ତ ଏପରି କୌଣସି ବ୍ୟକ୍ତିଙ୍କର ଅବହେଳା ଯୋଗୁଁ ଯାହାଙ୍କ ଆଦେଶ ବା ନିର୍ଦ୍ଦେଶକୁ ପାଳନ କରିବା ଲାଗି ଶ୍ରମିକ କ୍ଷତି ଘଟିବା ସମୟରେ ବାଧ୍ୟ ଥିଲେ ଏବଂ ପାଳନ କରୁଥିଲେ ଏବଂ କ୍ଷତିଟି ତାଙ୍କର ଏପରି ପାଳନ କରିବା ଯୋଗୁ ହିଁ ଘଟିଥିଲା, କିମ୍ବା

(ଘ) ନିଯୋକ୍ତାଙ୍କର ସେବାରେ ନିଯୁକ୍ତ କୌଣସି ବ୍ୟକ୍ତି—

(i) ନିଜର କର୍ତ୍ତବ୍ୟ ସାଧାରଣତଃ ପାଳନ କରିବାରେ, କିମ୍ବା

(ii) ନିଯୋକ୍ତାଙ୍କର କୌଣସି ନିୟମ ବା ଉପବିଧି ପାଳନ କରିବାରେ ତତ୍‌ସମୟ ପ୍ରବର୍ତ୍ତ କୌଣସି ବିଧି ଦ୍ୱାରା ବା ଅଧୀନରେ କୌଣସି ପ୍ରାଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବାକୁ ଥିବା ଏବଂ ସେପରି ଅନୁମୋଦିତ ହୋଇଥିବା ଏକ ନିୟମ ବା ଉପବିଧି ଭିନ୍ନ, କିମ୍ବା

(*iii*) ଏହି ଉପଲକ୍ଷେ ଅନ୍ୟ ଯେଉଁ ବ୍ୟକ୍ତିଙ୍କୁ ନିଯୋକ୍ତାଙ୍କ ଦ୍ୱାରା ପ୍ରାଧିକାର ପ୍ରତ୍ୟାଯୋଜିତ ହୋଇଥିବ ସେହି ବକ୍ତାଙ୍କର ବିଶିଷ୍ଟ ଅନୁଦେଶ ପାଳନ କରିବାରେ,

କରିଥିବା କାର୍ଯ୍ୟ ବା ତ୍ରୁଟି ଯୋଗୁ ଘଟିଥାଏ ସେଠାରେ ଶ୍ରମିକଙ୍କ ଦ୍ୱାରା ବା ତାହାଙ୍କର ମୃତ୍ୟୁ ହୋଇଯାଇଥିଲେ ହକ୍‌ଦାର୍ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଅନୁଷ୍ଠିତ କ୍ଷତି ଲାଗି ଲୋକସାନ ସଂପର୍କିତ ବାଦ କରାଗଲେ ସେହି ବାଦ ଶ୍ରମିକ କ୍ଷତିଟି ଘଟିବା ସମୟରେ ନିଯୋକ୍ତାଙ୍କର ଜଣେ ଶ୍ରମିକ ଥିବା ବା ତାହାଙ୍କର ସେବାରେ ନିଯୁକ୍ତ ଥିବା ବା ତାହାଙ୍କର କାର୍ଯ୍ୟରେ ନିଯୋଜିତ ଥିବା କାରଣ ଖାରଜେରୁ ହେବ ନାହିଁ ।

ସଂବିଦାର ଅସିଦ୍ଧତା ।

3. (କ) ନିଯୁକ୍ତ ବ୍ୟକ୍ତି ବା ଶିକ୍ଷାନବିସଙ୍କ ସହିତ ସାଧାରଣ ନିଯୁକ୍ତିରେ ଥିବା ବ୍ୟକ୍ତିମାନଙ୍କର ଅବହେଳା ହେତୁ ନିଯୁକ୍ତ ବ୍ୟକ୍ତି ବା ଶିକ୍ଷାନବିସଙ୍କର ଘଟିଥିବା ଶାରୀରିକ କ୍ଷତି ସମ୍ପର୍କରେ ନିଯୋକ୍ତାଙ୍କର କୌଣସି ଦାୟିତ୍ୱକୁ ଚାକିରି ବା ଶିକ୍ଷାନବିସ ସମ୍ପର୍କୀୟ ଏକ ସଂବିଦା ବା ତାହାର ଆନୁସଂଗିକ ଏକ କରାରରେ ଥିବା କୌଣସି ଉପବନ୍ଧ ଯେତେଦୂର ପର୍ଯ୍ୟନ୍ତ ଅପବର୍ଜିତ ବା ସୀମିତ କରୁଥିବ ସେତେଦୂର ପର୍ଯ୍ୟନ୍ତ ତାହା ଅସିଦ୍ଧ ହେବ ।

ପୂର୍ଣ୍ଣଜ୍ଞାନ ବିନା କ୍ଷତିଭୟ ବହନ କରାଯାଇଛି ବୋଲି ବିବେଚିତ ହେବ ନାହିଁ ।

4. ନିୟୋଜନରେ ଥିବା କ୍ଷତିଭୟକୁ ଶ୍ରମିକ ବହନ କରିଛନ୍ତି ବୋଲି ସେପରି କୌଣସି ଲୋକସାନ ସଂପର୍କିତ ବାଦରେ ବିବେଚିତ ହେବ ନାହିଁ ଯେପର୍ଯ୍ୟନ୍ତ କି ନିଯୋକ୍ତ ପ୍ରମାଣ ନ କରନ୍ତି ଯେ ଶ୍ରମିକଙ୍କୁ କ୍ଷତିଭୟଟି ସମ୍ପୂର୍ଣ୍ଣଭାବେ ବୁଝାଇ ଦିଆଯାଇଛି ଏବଂ ଶ୍ରମିକ ତାହାଙ୍କ ସ୍ୱେଚ୍ଛାରେ ବହନ କରିଛନ୍ତି ।

ବ୍ୟାବୃତ୍ତି

5. ସେପରି କୌଣସି ଲୋକସାନ ସଂପର୍କିତ ବାଦରେ ଏହି ଅଧିନିୟମ ପ୍ରାରମ୍ଭ ପୂର୍ବରୁ ପାରିତ ଏକ ଦେୱାନୀ ନ୍ୟାୟାଳୟର କୌଣସି ଡ଼ିକ୍ରୀ ବା ଆଦେଶର ବିଧିମାନ୍ୟତାକୁ ଏହି ଅଧିନିୟମରେ ଥିବା କୌଣସି ବିଷୟ କ୍ଷୁର୍ଣ୍ଣ କରିବ ନାହିଁ ।